# NATIONAL NEWS BULLETIN (ODIA)

## 17 October - 2024

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭାରତ ଏବଂ ମାଲଦ୍ୱିପ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କ ରହିଛି, କହିଲେ ରାଷ୍ଟ୍ରପତି ।
- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଚଣ୍ଡିଗଡ଼ ଠାରେ ଅନୁଷ୍ଠିତ ହେଉଛି ଏନ୍.ଡି.ଏ. ଶାସିତ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ବୈଠକ ।
- ନାଗରିକତା ଆଇନ୍‌ର ଧାରା ୬-ଏ ସମ୍ବିଧାନ ଅନୁଯାୟୀ ବୈଧ ବୋଲି ସ୍ପଷ୍ଟ କଲେ ସୁପ୍ରିମ୍‌କୋର୍ଟ ।
- ମାନବିକତା ବିରୋଧି ଅପରାଧ ଅଭିଯୋଗ ମାମଲାର ଶୁଣାଣି କରି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ବିରୁଦ୍ଧରେ ଗିରଫ୍ ପରୱାନା ଜାରି କଲେ ବାଂଲାଦେଶର ଆନ୍ତର୍ଜାତିକ ଅପରାଧ ଟ୍ରିବ୍ୟୁନାଲ୍ ।

ଏବଂ

- ବେଙ୍ଗାଲୁରୁ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡର ପ୍ରଥମ ଇନିଂସରେ ୩ ୱିକେଟ୍‌ରେ ୧୮୦ ରନ୍ ସଂଗ୍ରହ ।

# ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଭାରତ ଏବଂ ମାଲଦ୍ୱିପ ମଧ୍ୟରେ ସୌହାର୍ଦ୍ଦପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କ ରହିଛି । ମାଲଦ୍ୱିପର ଲିଲୋଙ୍ଗଓ୍ୱେ ଠାରେ ଭାରତ-ମାଲଦ୍ୱିପ ବ୍ୟବସାୟିକ ଗୋଷ୍ଠୀ ସମ୍ମିଳନୀକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ୧୯୬୪ ମସିହାରେ ସ୍ୱାଧୀନତା ପରେ ମାଲଦ୍ୱିପ ସହ କୂଟନୈତିକ ସମ୍ପର୍କ ସ୍ଥାପନ କରିବାରେ ଭାରତ ପ୍ରଥମ ଦେଶ ଗୁଡ଼ିକ ମଧ୍ୟରେ ଅନ୍ୟତମ । ଭାରତ ଏବଂ ମାଲଦ୍ୱିପ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ବହୁ ପୁରାତନ । ମାଲଦ୍ୱିପର ଚତୁର୍ଥ ବୃହତମ ବାଣିଜ୍ୟ ସହଯୋଗୀ ଭାବେ ଭାରତ ପରିଚିତ ଏବଂ ମାଲଦ୍ୱିପରେ ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତ ସବୁଠାରୁ ଅଧିକ ନିବେଶ କରିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ତେବେ ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ସମନ୍ୱୟ ସ୍ଥାପନ ସହ ଏକତ୍ର କାର୍ଯ୍ୟ କରିବା ପାଇଁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

ସୂଚନା ଯୋଗ୍ୟ ରାଷ୍ଟ୍ରପତି ମୁର୍ମୁ ତିନି ଆଫ୍ରିକୀୟ ରାଷ୍ଟ୍ର ଗସ୍ତର ଶେଷ ପର୍ଯ୍ୟାୟରେ ମାଲଦ୍ୱିପ ଠାରେ ପହଞ୍ଚିଛନ୍ତି । ଭାରତର କୌଣସି ରାଷ୍ଟ୍ରପତିଙ୍କର ଏହା ହେଉଛି ପ୍ରଥମ ମାଲଦ୍ୱିପ ଗସ୍ତ । ସେଠାରେ ପହଞ୍ଚିବା ପରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଏହି ଗସ୍ତ ଅବସରରେ ରାଷ୍ଟ୍ରପତି ମୁର୍ମୁ ସେଠାକାର ଶୀର୍ଷ ନେତୃତ୍ୱଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି

ନେଇ ଆଲୋଚନା କରିବେ । ସେଠାରେ ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ରାଷ୍ଟ୍ରପତି ମତବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

## ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଚଣ୍ଡିଗଡ଼ ଠାରେ ଏନ୍.ଡି.ଏ. ଶାସିତ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେଉଛି । ଏଥିରେ ବିଜେପିର ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରମୁଖ ଯୋଗଦେଇଛନ୍ତି । ବିଜେପି ଶାସିତ ୧୩ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ୧୬ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଏନ୍.ଡି.ଏ. ମେଣ୍ଟର ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ବିହାର, ସିକ୍କିମ୍, ନାଗାଲାଣ୍ଡ ଏବଂ ମେଘାଳୟର ମୁଖ୍ୟମନ୍ତ୍ରୀମାନେ ବୈଠକରେ ଯୋଗଦେଇଛନ୍ତି ।

## ଝାଡ଼ଖଣ୍ଡ-ନିର୍ବାଚନ

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆସନ୍ତାକାଲି ବିଜ୍ଞପ୍ତି ପ୍ରକାଶ ପାଇବ । ଏହି ପର୍ଯ୍ୟାୟରେ ୪୩ଟି ବିଧାନସଭା ମଣ୍ଡଳୀ ପାଇଁ ଆସନ୍ତା ମାସ ୧୩ ତାରିଖରେ ମତଗ୍ରହଣ

କରାଯିବ । ୨୫ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରହିବ । ୨୮ ତାରିଖକୁ ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚର ଶେଷ ତାରିଖ ଏବଂ ୩୦ ତାରିଖ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ରହିବ । ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଆସନ୍ତା ମାସ ୨୦ ତାରିଖରେ ଅନୁଷ୍ଠିତ ହେବ । ଆସନ୍ତା ମାସ ୨୩ ତାରିଖରେ ଭୋଟ୍ ଗଣତି ସହ ଫଳାଫଳ ଘୋଷଣା କରାଯିବ ।

## ସୁପ୍ରିମ୍‌କୋର୍ଟ

ନାଗରିକତା ଆଇନ୍‌ର ଧାରା ୬-ଏ ଭାରତର ସମ୍ବିଧାନ ଅନୁଯାୟୀ ବୈଧ ବୋଲି ସୁପ୍ରିମ୍‌କୋର୍ଟ୍ ଘୋଷଣା କରିଛନ୍ତି । ଆସାମରେ ବେଆଇନ୍ ପ୍ରବାସୀଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ବିରୋଧରେ ଆଗତ ମାମଲାର ଶୁଣାଣି କରି ୫ ଜଣିଆ ସାମ୍ବିଧାନିକ ପୀଠ ଏହି ନିଷ୍ପତ୍ତି ପ୍ରଦାନ କରିଛନ୍ତି । ବେଆଇନ୍ ପ୍ରବାସୀଙ୍କୁ ନାଗରିକତ୍ୱ ପ୍ରଦାନ ସମ୍ବିଧାନର ପରିପନ୍ଥି ବୋଲି ଆଗତ ମାମଲାରେ ଅଭିଯୋଗ କରାଯାଇଥିଲା । ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚ ଜଣିଆ ସାମ୍ବିଧାନିକ ପୀଠ ଏହି ନିଷ୍ପତ୍ତିକୁ ୪/୧ ବହୁମତରେ ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ବିଚାରପତି ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ସହ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେସ ଏବଂ ଜଷ୍ଟିସ୍ ମନୋଜ ମିଶ୍ରା ବହୁମତରେ

କହିଛନ୍ତି, ଏଭଳି ବ୍ୟବସ୍ଥା ପ୍ରଣୟନ କରିବାରେ ସଂସଦର ଆଇନ୍‌ଗତ କ୍ଷମତା ରହିଛି ।

## ଏମ୍‌ଇଏ ବ୍ରିଫିଂ

ଭାରତ ଏବଂ ଏହାର କୂଟନୀତିଜ୍ଞଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ସମର୍ଥନ କରିବା ପାଇଁ କାନାଡ଼ା କୌଣସି ପ୍ରମାଣ ଦେଇପାରି ନାହିଁ । ନୂଆଦିଲ୍ଲୀ ଠାରେ ଆଜି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ କାନାଡ଼ା ସରକାରଙ୍କ ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିବା ସହ ଏହାକୁ ଭିତ୍ତିହୀନ ବୋଲି କହିଛନ୍ତି । ଟ୍ରୁଡୋ ସରକାର ଭାରତର ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିବା ପାଇଁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ପ୍ରୟାସ କରୁଛନ୍ତି ବୋଲି ଶ୍ରୀ ଜୟଶ୍ୱାଲ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ୨୬ଟି ପ୍ରତ୍ୟାର୍ପଣ ଆବେଦନ ଏ ପର୍ଯ୍ୟନ୍ତ କାନାଡ଼ା ନିକଟରେ ବିଚାରାଧୀନ ରହିଛି । ସେହିଭଳି କେତେ ଜଣଙ୍କୁ ଗିରଫ୍ କରିବାର ଅନୁରୋଧ ଉପରେ ଟ୍ରୁଡୋ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ଲରେନ୍ସ ବିଷ୍ଣୋଇ ଗୋଷ୍ଠୀ ସମେତ ଏହାର ସଦସ୍ୟଙ୍କ ସମ୍ପର୍କରେ କାନାଡ଼ା ସରକାରଙ୍କୁ ଭାରତ ସୁରକ୍ଷା ସମ୍ବନ୍ଧୀୟ ସୂଚନା ପ୍ରଦାନ କରିସାରିଛି । ସେମାନଙ୍କୁ ଗିରଫ୍ କରି ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ କାନାଡ଼ାକୁ କୁହାଯାଇଛି । ତେବେ ଭାରତର

ଅନୁରୋଧ ଉପରେ କୌଣସି ପଦକ୍ଷେପ ନିଆ ନ ଯିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏବଂ ଅନ୍ୟ ପକ୍ଷରେ  ଭାରତ ଉପରେ ଦୋଷାରୋପ କରିବା ଠିକ୍ ନୁହେଁ ବୋଲି ଶ୍ରୀ ଜୟଶ୍ୱାଲ୍ କହିଛନ୍ତି ।

## ବାଂଲାଦେଶ-ପ୍ରଧାନମନ୍ତ୍ରୀ

ବାଂଲାଦେଶରେ ମାନବିକତା ବିରୋଧି ଅପରାଧ ଅଭିଯୋଗ ମାମଲାର ଶୁଣାଣି କରି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସମେତ ଆୱାମି ଲିଗ୍‌ର ଶୀର୍ଷ ନେତାଙ୍କ ବିରୁଦ୍ଧରେ ଗିରଫ୍ ପରୱାନା ଜାରି ହୋଇଛି । ମହମ୍ମଦ ଗୋଲାମ ମର୍ତୁଜା ମଜୁମ୍‌ଦାରଙ୍କ ନେତୃତ୍ୱରେ ଗଠିତ ତିନି ଜଣିଆ ଆନ୍ତର୍ଜାତିକ ଅପରାଧ ଟ୍ରିବ୍ୟୁନାଲ୍  ହସିନାଙ୍କ ସମେତ ଅନ୍ୟ ୪୫ ଜଣଙ୍କ ବିରୋଧରେ ଏହି ପରୱାନା ଜାରି କରିଛନ୍ତି । ବାଂଲାଦେଶ ସମ୍ବାଦ ସଂଗଠନ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଟ୍ରିବ୍ୟୁନାଲ୍‌ର ମୁଖ୍ୟ ପ୍ରସିକ୍ୟୁଟର ଆଡଭୋକେଟ୍ ମହମ୍ମଦ ତାଜୁଲ ଇସଲାମ୍ ଏହି ସୂଚନା ଦେଇଛନ୍ତି । ଆସନ୍ତା ମାସ ୧୮ ତାରିଖ ସୁଦ୍ଧା ସେମାନଙ୍କୁ ଗିରଫ୍ କରି ଟ୍ରିବ୍ୟୁନାଲ୍‌ରେ ହାଜର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନା ଯୋଗ୍ୟ ପ୍ରଫେସର ୟୁନୁସ୍ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାର ଆନ୍ତର୍ଜାତିକ ଅପରାଧ ଟ୍ରିବ୍ୟୁନାଲ୍‌ର ପୁନର୍ଗଠନ କରି ଏହାର ଅଧ୍ୟକ୍ଷ ଏବଂ ଦୁଇ ଜଣ ସଦସ୍ୟଙ୍କୁ ନିଯୁକ୍ତ କରିଥିଲେ । ଗତ ଜୁଲାଇ-

ଅଗଷ୍ଟ ଗଣ ଆନ୍ଦୋଳନ ସମୟରେ ମାନବିକତା ବିରୋଧି ଅପରାଧ ଅଭିଯୋଗ ନେଇ ତତ୍କାଳୀନ ସରକାରଙ୍କ ବିରୋଧରେ ଟ୍ରିବ୍ୟୁନାଲ୍‌ରେ ମାମଲା ରୁଜୁ ହୋଇଛି । ଏହାର ଶୁଣାଣି କରି ଟ୍ରିବ୍ୟୁନାଲ୍ ଗିରଫ୍ ପରୱାନା ଜାରି କରିଛନ୍ତି ।

## ହରିଆଣା-ସିଏମ୍ ଓଥ୍

ବରିଷ୍ଠ ବିଜେପି ନେତା ନାଏବ ସିଂ ସାଇନି କ୍ରମାଗତ ଦ୍ୱିତୀୟଥର ଲାଗି ଆଜି ହରିଆଣାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ପଞ୍ଚକୁଲାସ୍ଥିତ ସାଲିମାର ପଡ଼ିଆରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ଶ୍ରୀ ସାଇନି ଏବଂ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟଙ୍କୁ ଶପଥପାଠ କରାଇଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀ ସାଇନିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଗରିବ, କୃଷକ, ସୈନିକ, ଯୁବକ ଏବଂ ମହିଳାଙ୍କ ସମେତ ସମାଜର ପ୍ରତ୍ୟେକ ବର୍ଗର ସେବା କରିବାରେ ଡବଲ୍ ଇଞ୍ଜିନ୍ ବିଶିଷ୍ଟ ସରକାର ସମସ୍ତ ପ୍ରୟାସ ଜାରି ରଖିବ ।

## ବିହାର-ମଦ ମୃତ୍ୟୁ

ବିହାର ବିଷାକ୍ତ ମଦ୍ୟପାନ ଘଟଣାରେ ମୃତ୍ୟୁ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି । ଆକାଶବାଣୀ ସମ୍ବାଦ ବିଭାଗ ସହ ଆଲୋଚନା ବେଳେ ବିହାରର ନିଶାନିବାରଣ ଓ ଅବକାରୀ ମନ୍ତ୍ରୀ ରତ୍ନେଶ ସଦା କହିଛନ୍ତି, ସିଓ୍ୱାନ୍‌ରେ ୨୦ ଏବଂ ସରଣ ଜିଲ୍ଲାରେ ୫ ଜଣଙ୍କର ମୃତ୍ୟୁ ହୋଇଛି । ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରାଯାଇଛି । ୨୨ ଜଣ ଅସୁସ୍ଥ ହୋଇଥିବା ବେଳେ ୩ ଜଣ ଦୃଷ୍ଟିଶକ୍ତି ହରାଇଛନ୍ତି । ସେମାନଙ୍କୁ ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି । ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ନିଶାନିବାରଣ ଆଇନ୍ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।  ପୁଲିସ୍ ପ୍ରଭାବିତ ଅଞ୍ଚଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି । ନିଶାନିବାରଣ ଏବଂ ଅବକାରୀ ବିଭାଗର ଟିମ୍ ସେହିସବୁ ଗାଁ ପରିଦର୍ଶନ କରି ସନ୍ଦିଗ୍ଧ ନକଲି ମଦକାରବାର ଉପରେ ତଥ୍ୟ ସଂଗ୍ରହ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି ।

## ମାଣ୍ଡବ୍ୟ-ସ୍ପୋର୍ଟସ୍ ବିଲ୍

କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି, ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ୨୦୨୪ ଦେଶରେ ଏକ ସୁଦୃଢ଼ ଏବଂ ସ୍ୱଚ୍ଛ କ୍ରୀଡ଼ା

ପ୍ରଶାସନ ପ୍ରତିଷ୍ଠା ଦିଗରେ ସହାୟକ ହେବ । ନୂଆଦିଲ୍ଲୀରେ ଆଜି ଏକ ବୈଠକରେ ଅଧ୍ୟକ୍ଷତା କରି ଡକ୍ଟର ମାଣ୍ଡବ୍ୟ କହିଛନ୍ତି, କ୍ରୀଡ଼ା ମହାସଂଘ ଗୁଡ଼ିକୁ ସଶକ୍ତ, ସୁରକ୍ଷିତ କ୍ରୀଡ଼ା ନୀତି ପ୍ରଣୟନ ଏବଂ ଏକ ଆପେଲାଟ୍ କ୍ରୀଡ଼ା ଟ୍ରିବ୍ୟୁନାଲ୍ ଗଠନ କରିବା ଏହି ଆଇନ୍‌ର ମୂଳ ଉଦ୍ଦେଶ୍ୟ । କ୍ରୀଡ଼ା ଭିତ୍ତିଭୂମିକୁ ଅଧିକ ତ୍ୱରାନ୍ୱିତ କରିବା ଏବଂ କ୍ରୀଡ଼ାବିତ୍‌କୁ ଉନ୍ନତ କ୍ଷେତ୍ର ପ୍ରଦାନ କରିବା ସହ ବିଶ୍ୱ କ୍ରୀଡ଼ା ଜଗତରେ ଦେଶକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଡକ୍ଟର ମାଣ୍ଡବ୍ୟ କହିଛନ୍ତି ।

ଏହି ବୈଠକରେ ଭାରତୀୟ ଅଲିମ୍ପିକ୍ ସଂଘ, ଜାତୀୟ କ୍ରୀଡ଼ା ମହାସଂଘ ଏବଂ ଜାତୀୟ କ୍ରୀଡ଼ା ପ୍ରୋତ୍ସାହନ ସଂଗଠନ ଗୁଡ଼ିକରେ ପ୍ରତିନିଧି ଅଂଶଗ୍ରହଣ କରି ଚିଠା ବିଲ୍ ଉପରେ ମତବିନିମୟ କରିଥିଲେ ।

## ଟିକଟ୍ ସଂରକ୍ଷଣ

ଟ୍ରେନ୍ ଯାତ୍ରୀଙ୍କ ପାଇଁ  ଆଗୁଆ ସଂରକ୍ଷଣର ସମୟସୀମାକୁ ୬୦ ଦିନକୁ ହ୍ରାସ କରାଯାଇଛି । ପୂର୍ବରୁ ଏହା ୧୨୦ ଦିନ ରହିଥିଲା । ରେଳ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏ ସଂକ୍ରାନ୍ତ ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ମାସ ପହିଲାରେ ଏହି ସଂଶୋଧିତ ନିୟମ ଲାଗୁ ହେବ । ତେବେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ହୋଇଥିବା ସମସ୍ତ ସଂରକ୍ଷଣ ବଳବତ୍ତର ରହିବ । ତେବେ

ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ରହିଥିବା ୩୬୫ ଦିନର ସମୟସୀମା ପୂର୍ବ ପରି ବଳବତ୍ତର ରହିଛି ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ।

## କ୍ରିକେଟ୍

ଭାରତ-ନ୍ୟୁଜିଲାଣ୍ଡ ଚଳିତ ତିନିଟିକିଆ ଟେଷ୍ଟ ସିରିଜ୍‌ର ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଆଜିର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ତାର ପ୍ରଥମ ଇନିଂସରେ ୩ ୱିକେଟ୍‌ରେ ୧୮୦ରନ୍ ସଂଗ୍ରହ କରିଛି । ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଠାରେ ଚାଲିଥିବା ଏହି ମ୍ୟାଚ୍‌ର ଗତକାଲିର ପ୍ରଥମ ଦିନର ଖେଳ ବର୍ଷା ଯୋଗୁଁ ସମ୍ଭବ ହୋଇପାରି ନ ଥିଲା । ଆଜି ଟସ୍ ଜିତି ଭାରତ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସମ୍ପୂର୍ଣ୍ଣ ବ୍ୟାଟିଂ ବିପର୍ଯ୍ୟୟ ସହ ଭାରତ ତାର ପ୍ରଥମ ଇନିଂସରେ ସମସ୍ତ ୱିକେଟ୍ ହରାଇ ମାତ୍ର ୪୬ରନ୍ ସଂଗ୍ରହ କରିଥିଲା । ଟେଷ୍ଟ ଇତିହାସରେ ଭାରତର ଏହା ହେଉଛି ତୃତୀୟ ସର୍ବନିମ୍ନ ସ୍କୋର । ଘରୋଇ ମାଟିରେ ଟେଷ୍ଟ କ୍ରିକେଟ୍‌ରେ ଏହା ହେଉଛି ଭାରତର ସବୁଠାରୁ ନିମ୍ନତମ ସ୍କୋର । ରିଷଭ୍ ପନ୍ଥ ୨୦ରନ୍, ଜୟଶସ୍ୱୀ ଜୟଶ୍ୱାଲ୍ ୧୩ରନ୍ କରିବାକୁ ସକ୍ଷମ ହୋଇଥିଲେ । ୫ ଜଣ ବ୍ୟାଟସ୍‌ମ୍ୟାନ୍ କୌଣସି ରନ୍ ନ କରି ଆଉଟ୍ ହୋଇଥିଲେ । ନ୍ୟୁଜିଲାଣ୍ଡ ପକ୍ଷରୁ କନ୍‌ୱେ ୯୧ରନ୍ ସଂଗ୍ରହ କରିଥିଲେ । ରଚିନ୍ ରବିନ୍ଦ୍ର ଏବଂ ଡେରିଲ୍ ମିଚେଲ୍ କ୍ରିଜ୍‌ରେ ଅପରାଜିତ ଅଛନ୍ତି ।